To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ବଢ଼ିବ ଭାରତୀୟ ସେନାର ଶକ୍ତି, ଆମେରିକାଠୁ କିଣାଯିବ ରାତିରେ ଆକ୍ରମଣ କରି ପାରୁଥିବା ହେଲିକପ୍ଟର



R.N.I. No.-42041/83 Vol-15, Issue No.339, ଭଦ୍ରକ, ଗୁରୁବାର, ୧୪, ଜୁନ୍ ୨୦୧୮ ■ Bhadrak, Thursday, 14 June 2018 Rs. 2.00 Pages-8

# ମିଳିଲା ରତ୍ନଭଣ୍ଡାର ଚାବି



- ସୂଚନା ଦେଲେ ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ
- ଜିଲ୍ଲା ରେକର୍ଡ ରୁମ୍ ଲକରରୁ ମିଳିଲା ଡୁପ୍ଲିକେଟ୍ ଚାବି
- ୪ ଜଣିଆ ଟିମ୍ ୫ ଦିନ ହେଲା ଚାବି ଖୋଜୁଥିଲେ

ପୁରୀ, ୧୩।୬ (ସକାଳ ଖବର): ଶେଷରେ ମିଳିଛି ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଚାବି । ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ଲାଗି ରହିଥିବା ବେଳେ ଆଜି ହଜିଥିବା ଚାବିର ଏକ ଡୁପ୍ଲିକେଟ୍ ଚାବି ମିଳିଛି । ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ଏନେଇ ସୂଚନା ଦେଇଛନ୍ତି । ଜିଲ୍ଲା ରେକର୍ଡ ରୁମ୍ ଲକରରୁ ଏହି ଡୁପ୍ଲିକେଟ୍ ଚାବି ମିଳିଥିବା ଅରବିନ୍ଦ କହିଛନ୍ତି । ସେ କହିଛନ୍ତି, ଏକ ୪ ଜଣିଆ ଟିମ୍ ୫ ଦିନ ହେବ ଚାବି ଖୋଜୁଥିଲେ । ବହୁ ଖୋଜାଖୋଜି ପରେ ଜିଲ୍ଲା ରେକର୍ଡ ରୁମ୍ ଲକରରେ ଏକ ଜଉମୁଦ ଲଫାପାରୁ ଚାବି ମିଳିଛି । ସୂଚନାଯୋଗ୍ୟ, ଚାବି ହଜିବା ଘଟଣା ଜଣାପଡିବା ପରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ନେଇ ରାଜନୀତି ବି ଜୋର ଧରିଥିଲା । ଦୁଇ ବିରୋଧୀ ଦଳ କଂଗ୍ରେସ ଓ ବିଜେପି ଏହାକୁ ନେଇ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କୁ କାଠଗଡ଼ାରେ ଛିଡା କରିଛନ୍ତି । କଂଗ୍ରେସ ଏହି ଘଟଣାକୁ ତୀବ୍ର ସମାଲୋଚନା କରିଥିବା ବେଳେ ବିଜେପି ସବୁ ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରି ଥାନାରେ ଏତଲା ଦେଉଛି । ରତ୍ନଭଣ୍ଡାର ଚାବି ହଜିବା ଘଟଣା କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଦେଶରେ ହଇଚଇ ସୃଷ୍ଟି କରିଥିଲା ।

## ଭକ୍ତଙ୍କଠୁ ଦାନ ଗ୍ରହଣ ବାରଣ

- ସମସ୍ତ ନିଯୋଗକୁ ଚିଠି ମାଧ୍ୟମରେ ଅବଗତ କଲା ଶ୍ରୀମନ୍ଦିର ପ୍ରଶାସନ
- ଭକ୍ତମାନେ ନିଜର ଦାନ ସିଧାସଳଖ ହୁଣ୍ଡିରେ ପକାଇବେ

ପୁରୀ, ୧୩।୬ (ସକାଳ ଖବର): ସେବାୟତଙ୍କ ଦାନ ଗ୍ରହଣ ଉପରେ ସୁପ୍ରିମକୋର୍ଟଙ୍କ କଟକଣା ନିର୍ଦ୍ଦେଶ ପରେ ଚିହିଁକି ଉଠିଛି ଶ୍ରୀମନ୍ଦିର ପ୍ରଶାସନ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅକ୍ଷରେଅକ୍ଷରେ ପାଳନ କରିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଆଜି ଭକ୍ତଙ୍କ ଠାରୁ ଦାନ ଗ୍ରହଣ ନକରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ସମସ୍ତ ନିଯୋଗକୁ ଚିଠି ମାଧ୍ୟମରେ ଏସଂକ୍ରାନ୍ତରେ ଜଣାଇବା ସହ ଭକ୍ତଙ୍କଠାରୁ ଦାନ ଅର୍ଥ ଗ୍ରହଣ ନକରିବାକୁ ଚିଠିରେ ଉଲ୍ଲେଖ ରହିଛି । କିଭଳି ଭକ୍ତମାନେ ନିଜର ଦାନ ବା ଦକ୍ଷିଣା ସେବାୟତଙ୍କୁ ନଦେଇ ହୁଣ୍ଡିରେ ପକାଇବେ ସେ ନେଇ ଭକ୍ତଙ୍କୁ ସହଯୋଗ କରିବାକୁ ଚିଠିରେ କୁହାଯାଇଛି । ଏତଦବ୍ୟତିତ ମନ୍ଦିର ପରିସରରେ ଭକ୍ତଙ୍କୁ ଦାନ ପାଇଁ ସେବାୟତମାନେ ବାଧ୍ୟ କରିପାରିବେନି । ସେବକ, ସହଗାମୀ ଓ ଶ୍ରୀମନ୍ଦିର କର୍ମଚାରୀ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନରେ ବାଧା ଦେଇପାରିବେ ନାହିଁ ବୋଲି ଚିଠିରେ ଦର୍ଶାଯାଇଛି ।



ରାଜଧାନୀସ୍ଥିତ ପାନ୍ଥନିବାସ ଠାରେ ରଜ ମହୋତ୍ସବ ଧୂମ୍‌ଧାମ୍‌ରେ ପାଳନ କରାଯାଉଛି

## ପୌରସଂସ୍ଥା ନିର୍ବାଚନରେ ସଂରକ୍ଷଣ ପ୍ରସଙ୍ଗ
# ସୁପ୍ରିମ୍‌କୋର୍ଟ ଯିବେ ସରକାର

**ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ**

ଭୁବନେଶ୍ୱର, ୧୩।୬: ପୁଣିଥରେ ପୌରସଂସ୍ଥା ନିର୍ବାଚନକୁ ନେଇ ଦେଖାଦେଇଛି ବିବାଦ । ପୌରସଂସ୍ଥା ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ରହିବ । ଏହାଠାରୁ ଯେପରି ଅଧିକ ନହେବ ସେଥିନେଇ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଂଜ କରି ରାଜ୍ୟ ସରକାର ସୁପ୍ରିମ୍ କୋର୍ଟକୁ ଯିବେ ବୋଲି ପୌର ପ୍ରଶାସନର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ପ୍ରକାଶ କରିଛନ୍ତି । ମାତ୍ର କେତେକ ପୌରାଂଚଳରେ ଏହିଭଳି ସଂରକ୍ଷଣ ବ୍ୟବସ୍ଥା (ପୃଷ୍ଠା-୭)

## ୪୫ ମିନିଟ୍ ପୂର୍ବରୁ ବଜ୍ରପାତର ସୂଚନା

- ସବୁ ଜିଲ୍ଲାରେ ଲାଗିବ ଲାଇଟନିଂ ସେନ୍ସର
- ଓସଡମା-ଆର୍ଥ ନେଟୱାର୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୩।୬ (ସକାଳ ଖବର): ରାଜ୍ୟରେ ଦେଖାଦେଇଥିବା ବଜ୍ରପାତ ଓ କାଳବୈଶାଖୀ ଜନିତ ମୃତ୍ୟୁକୁ ରୋକିବା ପାଇଁ ସାଧାରଣ ଲୋକଙ୍କୁ ସୂଚନା ଦେବା ଲାଗି ବୁଧବାର ଦିନ ସଚିବାଳୟ ଠାରେ ଓସଡମା ଓ ଆମେରିକାରଏକ କମ୍ପାନୀ ଆର୍ଥ ନେଟୱାର୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓସଡମାର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ ଏବଂ ସମ୍ପୃକ୍ତ କମ୍ପାନୀର କର୍ତୃପକ୍ଷ ଉକ୍ତ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ମନ୍ତ୍ରୀ ଶ୍ରୀ ମହାନ୍ତି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ବଜ୍ରପାତ ଓଡିଶାପାଇଁ ଚିନ୍ତାର କାରଣ ହୋଇଛି। ଗତବର୍ଷ ୪୬୦ ଜଣଙ୍କୁ ବଜ୍ରପାତରେ ମୃତ୍ୟୁ ହୋଇଥିଲା। ବଜ୍ରପାତ ଜନିତ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ଏହି ବଜ୍ରପାତୁ କିପରି ରୋକାଯାଇପାରିବ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବଜ୍ରପାତରେ ଯେଉଁମାନେ ପ୍ରାଣ ହରାଉଛନ୍ତି ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି (ପୃଷ୍ଠା-୭)

# ବିଦ୍ୟାଳୟରେ ୧୦୦% ଉପସ୍ଥାନ ରହିଲେ ପଞ୍ଚାୟତ ପୁରସ୍କୃତ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୩।୬ (ସକାଳ ଖବର): ବ୍ୟକ୍ତିର ବିକାଶରେ ବିଦ୍ୟାଳୟର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ପିଲାମାନେ ଯେପରି ସବୁଦିନ ବିଦ୍ୟାଳୟକୁ ଆସିବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସବୁ ଦିନ ସ୍କୁଲ ଉପସ୍ଥାନ-୨୦୧୮ ଅଭିଯାନ ର ଶୁଭାରମ୍ଭ କରିଛନ୍ତି । ଆଜି ସଚିବାଳୟରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହି ସଚେତନତା ଅଭିଯାନର ଶୁଭାରମ୍ଭ କରିବା ସହିତ ବିଦ୍ୟାଳୟରେ ଶତ ପ୍ରତିଶତ ଉପସ୍ଥାନ ରହିଲେ ପଂଚାୟତକୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରିଛନ୍ତି । ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କର ନିୟମିତ ଉପସ୍ଥାନକୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଥିରେ ପିତାମାତା, ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ପଂଚାୟତ ସ୍ତରର ନିର୍ବାଚିତ ପ୍ରତିନିଧି ମାନଙ୍କୁ ଏହି ଅଭିଯାନରେ ସାମିଲ କରାଯାଇ ପ୍ରତି ଦିନ ସ୍କୁଲ ଯିବାର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯିବ । ଏଥି ସହିତ ବିଭିନ୍ନ ଗଣମାଧ୍ୟମ ଓ ପ୍ରଚାର ପୁସ୍ତିକା ଜରିଆରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ । ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଉନ୍ନୟନ କମିଶନର, ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ, ୟୁନିସେଫର ପ୍ରତିନିଧି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କୋରାପୁଟ ପାହାଡ ଧଶିବା ଘଟଣା
## ୧୪ ଦିନ ପରେ ଉଦ୍ଧାର ହେଲା ଜଣଙ୍କର ମୃତଦେହ

ଭୁବନେଶ୍ୱର, ୧୩।୬ (ସକାଳ ଖବର): କୋରାପୁଟ ଜିଲ୍ଲାର ବୋରିପୁଟ ପାହାଡ ଧଶିବା ଘଟଣାର ୧୪ ଦିନ ପରେ ପଥର ତଳେ ଫସି ରହିଥିବା ଜଣେ ଜେସିବି ଅପରେଟରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ମୃତଦେହ ଦେବଗଡର ଘନଶ୍ୟାମ ଗୁରୁଙ୍କ ବୋଲି ଜଣାପଡ଼ିଛି। ଘନଶ୍ୟାମଙ୍କ ମୃତ ଦେହକୁ ତାଙ୍କ ପରିବାର ଲୋକେ ଚିହ୍ନଟ କରିଛନ୍ତି । ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବ। ପରେ ମହାପ୍ରୟାଣ ଗାଡି ଯୋଗେ ମୃତଦେହକୁ ତାଙ୍କ ଗ୍ରାମକୁ ପଠାଇ ଦିଆଯାଇଛି । ଅପରପକ୍ଷରେ ପଥର ତଳେ ଏବେବି ଜଣେ ଜେସିବି ଅପରେଟର ଫସି ରହିଛନ୍ତି । ସେ ହେଲେ ସଂଜୟ ଦାସ। ତାଙ୍କୁ ଉଦ୍ଧାର କରିବାକୁ ଜୋରସୋରରେ ଉଦ୍ୟମ ଚାଲିଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଏବଂ ରେଡକ୍ରସ୍ ପକ୍ଷରୁ ୧ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରାଯାଇଥିବା କୋରାପୁଟ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ମୃତ ଘନଶ୍ୟାମଙ୍କ ମୃତଦେହ ତାଙ୍କ ଗ୍ରାମରେ ପହଂଚିବା ପରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଛି । ମୃତକଙ୍କ ବାପା ତାଙ୍କ ପୁଅର ମୃତ୍ୟୁ ପାଇଁ ପ୍ରଶାସନକୁ ଦାୟୀ କରିବା ସହ ଘନଶ୍ୟାମଙ୍କ ଭାଇକୁ ସରକାରୀ ଚାକିରୀ ଦେବାକୁ ଦାବି କରିଛନ୍ତି ।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

## ପୂର୍ବତନ ବିଧାୟକ ସୂର୍ଯ୍ୟମଣି ଜେନାଙ୍କ ପରଲୋକ

ଭୁବନେଶ୍ୱର, ୧୩।୬ (ସକାଳ ଖବର): ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସୂର୍ଯ୍ୟମଣି ଜେନାଙ୍କର ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁର ଖବର ପାଇବା ପରେ ଯାଜପୁର ଅଂଚଳର ବହୁ ବିଜେଡି ନେତା,



କର୍ମୀ ଓ ବୁଦ୍ଧିଜୀବୀ ତାଙ୍କ କଟିକଟାସ୍ଥିତ ବାସଭବନରେ ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ ।ଶ୍ରୀ ଜେନାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଧାୟକ ଅମର ପ୍ରସାଦ ଶତପଥୀ , ଆକାଶଦାସ ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ସ୍ୱର୍ଗତ ଜେନା ଯାଜପୁର ବିଧାନସଭା ଆସନରୁ ୧୯୯୫ ମସିହାରେ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ। ପରେ ସେ ୨୦୦୦ ମସିହାରୁ (ପୃଷ୍ଠା-୭)



ହୁଣ୍ଡିର ଆୟ (୭.୬.୧୮)
୨,୫୨,୯୩୯

## ୩୩ ମହଲା କୋଠାରେ ଭୟାବହ ଅଗ୍ନିକାଣ୍ଡ

### ଉଦ୍ଧାର ହେଲେ ୯୦ରୁ ଉର୍ଦ୍ଧ୍ୱ ଲୋକ
### ଦୀପିକା ବି ରହନ୍ତି ଏହି କୋଠାରେ

ମୁମ୍ବାଇ, ୧୩।୬ : ଆର୍ଥିକ ରାଜଧାନୀ ମୁମ୍ବାଇର ୱର୍ଲି ଇଲାକାରେ ୩୩ ମହଲା ବିଶିଷ୍ଟ ଏକ କୋଠାରେ ଭୀଷଣ ନିଆଁ ଲାଗିଛି । କୋଠାର ୩୨ ତମ ମହଲାରେ ଘଟିଛି ଭୟାବହ ଅଗ୍ନିକାଣ୍ଡ । ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ୮ ଦମକଳ ଗାଡ଼ି ପହଞ୍ଚିଛି । ନିଆଁର ପ୍ରକୋପ ଏତେ ଜୋର ଅଛି ଯେ ଏହାର ଆଖପାଖ ଦୁଇ ତିନି ମହଲାକୁ ମଧ୍ୟ ବ୍ୟାପି ଯାଇଛି । ଏହି କୋଠା ୱର୍ଲିର ବୀର ସଭରକର ମାର୍ଗରେ ରହିଛି । ଏ ପର୍ଯ୍ୟନ୍ତ ନିଆଁ ଲାଗିବାର କାରଣ ଜଣା ପଡିନାହିଁ । କୋଠାର ନାମ ବିୟୁମୋଣ୍ଡେ କୁହାଯାଉଛି । କୁହାଯାଉଛି ଯେ ଏହି କୋଠାରେ ଅଭିନେତ୍ରୀ ଦୀପିକା ପାଦ୍ୟୁକୋନଙ୍କ ଘର ମଧ୍ୟ ରହିଛି । ଦୀପିକା ଏହି କୋଠାର ୨୬ ତମ ମହଲାରେ ରୁହନ୍ତି । ମିଳିଥିବା ସୂଚନା ମୁତାବକ ଘଟଣାସ୍ଥଳରୁ ଅଗ୍ନିଶମ ବିଭାଗ ପହଞ୍ଚି ୯୦ ରୁ ୯୫ ଜଣ ଲୋକଙ୍କୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରିଛନ୍ତି । ଘଟଣାସ୍ଥଳରେ ଅଗ୍ନୀଶମ ବିଭାଗର ଗାଡି ବ୍ୟତୀତ ଅନେକ ଆମ୍ବୁଲାନ୍ସ ମଧ୍ୟ ଉପସ୍ଥିର ରହିଛି । ଏଠାରେ କହି ରଖୁଛୁ ଯେ କିଛି ଦିନ ପୂର୍ବେ ମୁମ୍ବାଇର ସିନ୍ଧିଆ ହାଉସରେ ଭୀଷଣ ନିଆଁ ଲାଗିଥିଲା । ସିନ୍ଧିଆ (ପୃଷ୍ଠା-୭)



# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

**୧୭ ପର୍ଯ୍ୟଟକ ମୃତ, ୩୦ରୁ ଅଧିକ ଗୁରୁତର**



ମେନପୁରୀ, ୧୩।୬ (ସକାଳ ଖବର): ଉତ୍ତରପ୍ରଦେଶର ମେନପୁରୀରେ ବୁଧବାର ସକାଳୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଠରେ ଏକ ଟୁରିଷ୍ଟ ବସ ନିୟନ୍ତ୍ରଣ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣାରେ ୧୭ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆହତଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରିପୋର୍ଟ ଅନୁସାରେ ରାଜସ୍ଥାନର ଜୟପୁରରୁ ଉତ୍ତରପ୍ରଦେଶର ଗୁରସହାୟଗଞ୍ଜ ଅଭିମୁଖେ ଯାଉଥିବା ଟୁରିଷ୍ଟ ବସ ମେନପୁରୀ ଥାନା ଅନ୍ତର୍ଗତ ଦନ୍ନାହାର ଅଞ୍ଚଳର କୀରତପୁର ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଟୁରିଷ୍ଟ ବସର ଚାଳକ ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲା । ଫଳରେ ସେ ନିୟନ୍ତ୍ରଣ ହରାଇ ରାସ୍ତା ମଝିରେ ଥିବା ଡିଭାଇଡକୁ ଶକ୍ତ ଧକ୍କା ଦେଇଥିଲା, ଯାହାଦ୍ୱାରା କି ବସଟି ଓଲଟି ପଡ଼ିଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଟିମ ଘଟଣାସ୍ଥଳକୁ ପହଞ୍ଚିଛନ୍ତି । ଗୁରୁତରଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତକଙ୍କ ସଂଖ୍ୟା ବିପାରେ ବୋଲି କୁହାଯାଉଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମେନପୁରୀ ବସ ଦୁର୍ଘଟଣା ନେଇ ଗଭୀର ଶୋକ ଜଣାଇଛନ୍ତି । ସେ ଶୋକାକୂଳ ମୃତକଙ୍କ ପରିବାରରକୁ ସମବେଦନା ଜଣାଇଛନ୍ତି । ଏଥି ସହିତ ଗୁରୁତର ଆହତଙ୍କ ଚିକିତ୍ସାରେ ଯେଭଳି ଅବହେଳା ନହୁଏ, ସେଥିପାଇଁ ଆଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟ ହୋଇଛି ।

## ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରାର୍ଥୀଙ୍କୁ ଦିଆଯିବ ଟିକେଟ୍ : ନିରଞ୍ଜନ

ଭୁବନେଶ୍ୱର, ୧୩।୬ (ସକାଳ ଖବର): ଗ୍ରାମାଂଚଳ ଲୋକଙ୍କ ସୁଖଦୁଃଖରେ ଯେଉଁମାନେ ରହିଥିବେ ସେମାନଙ୍କୁ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କରାଯିବ ବୋଲି ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଦଳର ସାଂଗଠନିକ ପୁର୍ନଗଠନ ପରିପ୍ରେକ୍ଷୀରେ ପିସିସି କାର୍ଯ୍ୟାଳୟ ଠାରେ ଆୟୋଜିତ ଦକ୍ଷିଣାଂଚଳ ଜିଲ୍ଲା କର୍ମକର୍ତାମାନଙ୍କ ବୈଠକ ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ ଶ୍ରୀ ପଟ୍ଟନାୟକ ଏହା ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଭୁବନେଶ୍ୱରରେ ବସି କେହି ନେତା ହେବେ ନାହିଁ । ଟିକେଟ୍ ପାଇଁ ଲବିକୁ ମଧ୍ୟ ପଶ୍ରୟ ଦିଆଯିବ ନାହିଁ। ଯେଉଁମାନେ ଲୋକଙ୍କ ସହିତ ରହିଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ୩/୪ ମାସ ମଧ୍ୟରେ ପ୍ରସ୍ତୁତ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟିକୁ କୁହାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ସେସମ୍ପର୍କିତ ପ୍ରୋଗ୍ରେସ୍ ରିପୋର୍ଟ ଦେବାପାଇଁ ମଧ୍ୟ କୁହାଯାଇଛି । ଲୋକଙ୍କର ଆସ୍ଥା ଓ ବିଶ୍ୱାସ କଂଗ୍ରେସ ଉପରେ ଫେରାଇ ଆଣିବା ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି ।

# fþ¯ÿæxÿLÿ {œÿB 'ÿB {Sæ Ï þ™¿{Àÿ tÿþÁÿ ÓóW Ì f{~ SÀÿ†ÿÀÿ, 5 AæÜÿ†ÿ

# DLÿs sæüÿLÿ ÓþÓ¿æ, {àÿæ{Lÿ Üÿ;ÿÓ;ÿ

## Q¯ÿÀÿ ÓóSÿ {¨ÿ{Àÿ Óæº'ÿLÿZÿ AæLÿþ~ : f{~ SÀÿüÿ

## {ÓÜÿæÉê {Üÿ{àÿ Lÿ{àÿæÁÿ -2018

## ¯ÿÉ ÉÉ ÉþLÿ œÿ{Àÿæ™ 'ÿ¯ÿÓ ¨æÁÿ†ÿ

## LÿÁÿèÿ µÿæÀÿ†ÿê Ó¼æœÿ ¨æB{¨ÿ ¯ÿÓß ¯ÿæÁÿLÿ ÓæB AœÿêÉ

## `ÿÁÿ†ÿ þæÓÀÿ A{|ÿB àÿsÀÿ LÿÁÿæÓœÿê ¨æB{¨ÿ D¨{µÿæNÿæ

# AµÿÜÿœÿ¢œÿ



BJP

'ÿàÿê¨ Lÿþæ Àÿ {Üÿ†ÿæ('ÿ')
œÿSÀÿ Óµÿæ¨†ÿ
µÿæÀÿ†ÿêß fœÿ†ÿæ ¨æs, {Qæ•æ
{þæ-9178654777

# AµÿÜÿœÿ¢œÿ

{àÿæLÿœÿæ$ ¨™æœÿ
({àÿæLÿœÿ)
¾ ÿ ÓóSvÿLÿ
µÿæÀÿ†ÿêß fœÿ†ÿæ ¨æs, {Qæ•æ
{þæ-9938662048

# AµÿÜÿœÿ¢œÿ

{Ü¿æ—Ó {þ-9861032828

# {¨æ- Lÿœÿ

'ÿÀÿµÿæÌ-06755-220275
{þæ-9658740678

# AµÿÜÿœÿ¢œÿ

{þæ-9861066926

# AµÿÜÿœÿ¢œÿ

# B'ÿàÿ üÿ†ÿÀÿ É{µÿbÿæ

**Love For All Hatred for Non**

{þàÿæœÿ üÿ fàÿ ÜÿLÿ Qæ
{Qæ•æ H œÿßSÿ
{þæ 9692225057

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick